# ଶ୍ରୀ ଜଗନ୍ନାଥ ସ୍ତୁତି (ନିତ୍ୟ ସ୍ତୁତିପାଠ)

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ॥

ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ॥

ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ॥

ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛ ବ୍ୟାପି ॥

ସୃଷ୍ଟି ପ୍ରଳୟ ଅନ୍ତ କରୁ । ଏ ସର୍ବ ଗର୍ଭରେ ସମ୍ଭାଳୁ ॥

ପଚାଶ କୋଟି ବସୁନ୍ଧରୀ । ତୋର ହୃଦରେ ଛନ୍ତି ଭରି ॥

ଚଉଦ ଭୁବନ ପାଟଣା । ଏ ସର୍ବ ତୋହର ରଚନା ॥

ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି । ତୋ ବିନୁ ଅନ୍ୟ ଗତି ନାହିଁ ॥

ସୃଷ୍ଟି ଯାହାର ଖେଳ ଘର । ଅସହ୍ୟମାୟା ଜୀବ ପାର ॥

ତୋହର ନିଶ୍ୱାସୁଁ ମରୁତ । ଦେବେ ହୋଇଲେ ତହୁଁ ଜାତ ॥

ତୁହିଟି ଅଗ୍ନି ଦେବ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ॥

ଭୁଜରୁ ଅନନ୍ତ ମୂରତି । କଣ୍ଠରୁ ଜାତ ସରସ୍ୱତୀ ॥

ସଦା ଚଞ୍ଚଳ ନିଦ୍ରା ନାହିଁ । ଏ ରୂପେ ଶୂନ୍ୟେ ଅଛୁ ରହି ॥

ଏମନ୍ତେ ଅଶେଷ ମହିମା । କେ ଜାଣି ପାରେ ଗୁଣସୀମା ॥

ତୋ ନାମ କରୁଥିଲେ ଲୟ । କୋଟିଏ ଜନ୍ମ ପାପକ୍ଷୟ ॥

ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଦି ॥

ଆରତ ଭଞ୍ଜନ ତୋ ବାନା । ଆତଙ୍କ କାଳେ ବଜ୍ରସେହ୍ନା ॥

ହୋଇଲ ଦଶ ଅବତାର । ନାଶିଲ ମେଦିନୀର ଭାର ॥

ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ॥
ତୁ ଅଟୁ ଦରିଦ୍ରଙ୍କ ଧନ । ତୋ ତତ୍ତ୍ୱ ବୁଝେ ଜ୍ଞାନୀଜନ ॥
ସତୀ ଯୁବତୀଙ୍କର ମନେ । ନିଜର ସ୍ୱାମୀ ଥାନ୍ତି ଯେହ୍ନେ ॥
ସେହି ପ୍ରକାରେ ମୋର ମନ । ତୋଠାରେ ରହୁ ଭଗବାନ ॥
ଏମନ୍ତ ଭାବେ କଲେ ସ୍ତୁତି । ପ୍ରସନ୍ନ ହୋଇବେ ଶ୍ରୀପତି ॥
ଏ ସ୍ତୁତି ଯେ ଜନ ଶୁଣନ୍ତି । ଯମ ତାପାଖ ନ ମାଡ଼ନ୍ତି ॥
ରାଜଦଣ୍ଡକୁ ନାହିଁ ଭୟ । ଅଇରିମାନ ଯାନ୍ତି କ୍ଷୟ ॥
ଭୂତ ପିଶାଚ ପ୍ରେତଗଣ । କତିକି ନ ଯାନ୍ତି ତା ପୁଣ ॥
ଅଶୁଭ ସ୍ୱପନ ଦେଖିବା । କି ଅବା ଗ୍ରହପୀଡ଼ା ଥିବା ॥
ଏ ସ୍ତୁତି ଶ୍ରବଣେ ଶୁଣିଲେ । ହୁଅଇ ବାଞ୍ଛା ସିଦ୍ଧି ଭଲେ ॥
ବଢ଼ଇ ଆୟୁ ବିଦ୍ୟା ଧନ । ଖଣ୍ଡଇ ସବୁକ୍ଳେଶ ମାନ ॥
ଗଙ୍ଗା ସହିତେ ସର୍ବତୀର୍ଥେ । ସ୍ନାନକୁ କଲେ ଫଳ ଯେତେ ॥
ଏ ସ୍ତୁତି ପଢ଼ି ସେତେ ଫଳ । ନମଇ କୃଷ୍ଣ ପାଦ ତଳ ॥
ଖଣ୍ଡଇ ଭବ ଭୟ ତ୍ରାସ । ଭଣଇ ଜଗନ୍ନାଥ ଦାସ ॥
ଏ ସ୍ତୁତି ହୋଇଲା ସମ୍ପୂର୍ଣ୍ଣ । ଶୁଣି ସନ୍ତୋଷ କର ମନ ॥

www.mpvtrust.com
Mob-7787959700